# ବିଭିନ୍ନ ଦାବି ନେଇ ଗର୍ଜିଲେ ଅଙ୍ଗନବାଡ଼ି, ଆଶାକର୍ମୀ




ପାରଳାଖେମୁଣ୍ଡି,୨୫।୨(ସମିସ): ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଅଲ୍ ଓଡିଶା ଅଙ୍ଗନବାଡ଼ି କର୍ମୀ ସଂଘ ଏବଂ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଗଜପତି ଶାଖା ପକ୍ଷରୁ ନ୍ୟାର୍ଯ୍ୟ ଦାବି ପୁରଣ ପାଇଁ ଆଜି ରାଜରାସ୍ତାରେ ବିରାଟ ଶୋଭାଯାତ୍ରା ସହ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା। ପ୍ରଥମେ ଉଭୟ ଅଙ୍ଗନବାଡି ଓ ଆଶାକର୍ମୀ ଏକତ୍ର ହୋଇ ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରିଥିଲେ। ଦାବି ପୂରଣ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା, ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯେଉଁଥିରେ ସଂଘର କର୍ମକର୍ତ୍ତା ଆଶା ଓ ଅଙ୍ଗନବାଡ଼ି କର୍ମଚାରୀ ସ୍ୱଳ୍ପ ପାରିଶ୍ରମିକ ବଦଳରେ ଦିନରାତି ନିରବଚ୍ଛିନ୍ନ ଭାବେ ସହରରୁ ଉପାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଛନ୍ତି। ରାଜ୍ୟ ସରକାର ବିଭିନ୍ନ ଦାବି ପୂରଣ ପାଇଁ ଦେଇଥିବା ପ୍ରତିଶ୍ରୁତି ପାଣିରଗାର ପାଲଟିଛି। ସମସ୍ତ କ୍ଷେତ୍ର ଓ ବର୍ଗର ଶ୍ରମିକଙ୍କ ପାଇଁ ଶ୍ରମ ଆଇନ କଡାକଡି ଭାବେ ଲାଗୁ କରାଯିବା, ଶିଳ୍ପ ସମ୍ପର୍କ କୋଡ୍-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ସ୍ଥିତି କୋଡ୍-୨୦୨୦ରେ ଥିବା ଶ୍ରମିକ ବିରୋଧୀ ନିୟମକୁ ତୁରନ୍ତ ସଂଶୋଧନ କରିବା, ଶ୍ରମିକଙ୍କ କଲ୍ୟାଣ ପାଇଁ ଶୀଘ୍ର ଭାରତୀୟ ଶ୍ରମ ସମ୍ମିଳନୀ କରିବା, ସମସ୍ତ ସ୍କିମ ୱାର୍କରଙ୍କ ମାସିକ ପାରିଶ୍ରମିକ ବୃଦ୍ଧି କରାଯିବା, ସର୍ବନିମ୍ନ ପେନ୍‌ସନ୍ ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି ସହିତ ମହଙ୍ଗା ଭତ୍ତା ପ୍ରଦାନ କରିବା, ଶ୍ରମିକଙ୍କ ସୁବିଧା ପାଇଁ ଇଏସ୍ଆଇ ଏବଂ ଇପିଏଫ୍‌ରେ ଥିବା ସୀମା ବୃଦ୍ଧି , ବର୍ତ୍ତମାନର ମଜୁରୀ ସ୍ତର ସହିତ ସମାନତା ରଖି ବୋନସ୍ ପ୍ରଦାନ ଆଇନ ୧୯୬୫ ଅନୁଯାୟୀ ବୋନସ୍ ସୀମା ବୃଦ୍ଧି କରିବା, ଭାରତୀୟ ସମ୍ବିଧାନ ଧାରା ୧୪, ୧୫, ୧୬ ଏବଂ ୨୧ ଅନୁଯାୟୀ ସ୍କିମ୍ ୱାର୍କର ଏବଂ ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ନିୟମିତ କରାଯିବା, ସାଧାରଣ ନିଯୁକ୍ତି ଉପରେ ଥିବା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ନିଷେଧାଦେଶକୁ ତୁରନ୍ତ ହଟାଯାଇ ଚାକିରିର ସୁରକ୍ଷା ସହିତ ଗ୍ୟାରେଣ୍ଟିଯୁକ୍ତ ନିଯୁକ୍ତି ନିଶ୍ଚିତ କରିବା ଆଦି ଦାବି ରହିଥିବା ବେଳେ ସରକାର ଅଦ୍ୟାବଧି ତାହା ପୂରଣ ପାଇଁ ବିଚାର ନକରିବା ଯୋଗୁଁ ଆଶାକର୍ମୀ ନିରାଶ ହୋଇପଡିଥିବା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁହାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତରେ ସମସ୍ତ ଆଶାକର୍ମୀଙ୍କୁ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସର୍ବନିମ୍ନ ବେତନ ସ୍ଥାୟୀ ଘୋଷଣା ନହେବା ପର୍ଯ୍ୟନ୍ତ ମାସିକ ୧୮,୦୦୦ ସର୍ବନିମ୍ନ ବେତନ ପ୍ରଦାନ କରାଯିବା, ଆଶା କର୍ମୀଙ୍କୁ ସ୍ୱାଭିମାନ ସହିତ କାମ କରିବାକୁ ଦିଆଯିବା, ପ୍ରତି ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ଲାଗି ଆଶାକେନ୍ଦ୍ର ନିର୍ମାଣ ସହ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶା ଗୃହ ନିର୍ମାଣ, ଶିକ୍ଷାଗତ ଯୋଗ୍ୟତା ଆଧାରରେ ଆଶାକର୍ମୀଙ୍କୁ ତାଲିମ ଦେଇ ଏଏନ୍‌ଏମ୍ ପଦକୁ ପଦୋନ୍ନତି, ଆଶାକର୍ମୀଙ୍କୁ ପ୍ରତିବର୍ଷ ୨ ହଳ ୟୁନିଫର୍ମ ସହିତ ରିପୋର୍ଟ ଲେଖିବା ପାଇଁ ଆବଶ୍ୟକ କାଗଜ ପତ୍ର ସହ ୫-ଜି ମୋବାଇଲ ଯୋଗାଇଦେବା, କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ପରିବାରକୁ ୧୦ ଲକ୍ଷ ଓ ଶାରୀରିକ ଅକ୍ଷମ କ୍ଷେତ୍ରରେ ୫ ଲକ୍ଷ ସହାୟତା ରାଶି ଏବଂ ଗ୍ରୁପ ଇନ୍ସୁରାନ୍ସ ମାଧ୍ୟମରେ ପ୍ରଦାନ କରିବା, ସେବା ନିବୃତ୍ତ ସମୟରେ ଆଶା କର୍ମୀମାନଙ୍କୁ ଏକକାଳୀନ ୧୦ ଲକ୍ଷ ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ୫ ହଜାର ଭତ୍ତା ପ୍ରଦାନ କରାଯିବା ଆଦି ଦାବି କରାଯାଇଛି। ଶୋଭାଯାତ୍ରା ଓ ବିକ୍ଷୋଭ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ବେଳେ ସମ୍ପାଦିକା ଅଞ୍ଜଳୀ ନାୟକ, ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ୍ ୱାର୍କର୍ସ ଆସୋସିଏସନର ସଭାନେତ୍ରୀ କୁନୀ ଜାନି, ସମ୍ପାଦିକା ପୁଷ୍ପାଞ୍ଜଳି ପଣ୍ଡା, ଆଶା ସଂଘ ସମ୍ପାଦିକା ସମୀକ୍ଷା ଗମାଙ୍ଗଙ୍କ ସହ ବହୁ ସଂଖ୍ୟକ ଆଶା, ଅଙ୍ଗନବାଡିକର୍ମୀ ଓ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଶ୍ରମିକ ସଂଗଠନର ସଦସ୍ୟ ସାମିଲ ହୋଇଥିଲେ।

## କଲେଜ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

କାଶୀନଗର,୨୫।୨(ସମିସ): କାଶୀନଗର ସ୍ଥିତ ଶ୍ରୀରାମ ଡ଼ିଗ୍ରୀ କଲେଜର ଜଣେ ଛାତ୍ରୀଙ୍କ ମଙ୍ଗଳବାର ସନ୍ଧ୍ୟାରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ମୁତାବକ ରାୟଗଡ଼ା ଜିଲ୍ଲା ଗୁଣୁପୁର ଥାନା ଅନ୍ତର୍ଗତ ଏକ ଗ୍ରାମ ଅଞ୍ଚଳର ବିଡ଼ିକି ରାଣୀ ନାମକ ଛାତ୍ରୀ କାଶୀନଗରର ଶ୍ରୀରାମ ଡ଼ିଗ୍ରୀ କଲେଜରେ ଯୁକ୍ତତିନି ପଢୁଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଏକ ଭଡ଼ା ଘରେ ରହି ଆସୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ କିଛି ଲୋକ ଉକ୍ତ ଭଡ଼ା ଘରେ ଛାତ୍ରୀ ଜଣକ ପଡ଼ିରହିଥିବା ଦେଖି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସ୍ୱସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ପଚରାଉଚରା କରିଥିଲା। ପରେ ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନେତୃତ୍ୱରେ ଏଏସ୍ଆଇ ସୀମାଞ୍ଚଳ ସେଠୀ ଉକ୍ତ ଘଟଣାର ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଥିବା ପୁଲିସ ସୂଚନା ଦେଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ହଠାତ୍ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ବର୍ଗ ଥାନାରେ ଏତଲା ଦେଇଥିବା ବେଳେ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ୱଷ୍ଟ ହେବ ବୋଲି ପୁଲିସ କହିଛି।

## ନାଳରୁ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର

ବାଲିଗୁଡ଼ା,୨୫।୨(ସମିସ): ବାଲିଗୁଡ଼ା ପୁଲିସ ଜଣେ ବୃଦ୍ଧଙ୍କ ମୃତଦେହ ରୁଡୁଙ୍ଗିଆର ଏକ ନାଳରୁ ଭାସମାନ ଅବସ୍ଥାରେ ଉଦ୍ଧାର କରିଛି। ମୃତକ ବାଲିଗୁଡ଼ା ଦଣ୍ଡପଦରର ଖଲିଆ ନାୟକ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଖଲିଆ ନାୟକ ୮ ବର୍ଷ ହେବ ଦଣ୍ଡପଦରରୁ ଯାଇ ରୁଡୁଙ୍ଗିଆରେ ରହୁଥିଲେ। ବୁଧବାର ତାଙ୍କର ମୃତଦେହ ପାଣିରେ ଭାସୁଥିବା ଅଞ୍ଚଳବାସୀ ଦେଖି ବାଲିଗୁଡ଼ା ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ନେଇଥିଲେ। ଖବର ପାଇ ଖଲିଆଙ୍କ ପରିବାରବର୍ଗ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିଲେ। ଅଧିକ ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ବାଲିଗୁଡ଼ା ଥାନା ଅଧିକାରୀ ଶିବ ରଞ୍ଜନ ଶିଙ୍ଗା ସୂଚନା ଦେଇଛନ୍ତି।

## ବାଲ୍ୟ ବିବାହ ମୁକ୍ତ ସଚେତନତା ରଥର ଶୁଭାରମ୍ଭ




ପାରଳାଖେମୁଣ୍ଡି,୨୫।୨(ସମିସ): ଜିଲ୍ଲାରେ ବାଲ୍ୟବିବାହ ମୁକ୍ତ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ରଥକୁ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲ୍ ପତାକା ଦେଖାଇ ଶୁଭାରମ୍ଭ କରି ଆସନ୍ତୁ ସମସ୍ତେ ମିଶି ଏହାକୁ ମୂଳରୁ ମୂଳପୋଛ କରିବା ଏବଂ ସମସ୍ତ ପିଲାଙ୍କୁ ସେମାନଙ୍କର ଅଧିକାର ଦେବାକୁ ଆହ୍ୱାନ ଦେଇଥିଲେ। ଏହି ପ୍ରଚାର ରଥ ଜିଲ୍ଲାର ଆର୍.ଉଦୟଗିରି ଓ ଗୁମ୍ମା ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ସଚେତନତା କରିବ। ମୁଖ୍ୟ କରି ବାଲ୍ୟ ବିବାହ ଏକ ଆଇନଗତ ଅପରାଧ, ୨୧ ବର୍ଷରୁ କମ୍ ବୟସର ପୁଅ ଏବଂ ୧୮ ବର୍ଷରୁ କମ୍ ବୟସର ଝିଅଙ୍କ ବାଲ୍ୟବିବାହ ଏକ ଆଇନଗତ ଅପରାଧ, ବାଲ୍ୟବିବାହ ପରିଚାଳନା ପାଇଁ ଦୋଷୀ ପିତାମାତା ଏବଂ ଅନ୍ୟାନ୍ୟ ସମ୍ପର୍କୀୟଙ୍କୁ ୨ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରିବ। ଏହା ସହ ବାଲ୍ୟ ବିବାହ କରୁଥିବା ପୁରୋହିତ, ବରଯାତ୍ରୀ, ବ୍ୟାଣ୍ଡପାର୍ଟି, ଟେଣ୍ଟବାଲା ଓ ବାଲ୍ୟ ବିବାହରେ ସାମିଲଥିବା ସମସ୍ତ ବ୍ୟକ୍ତି ୨ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବେ କିମ୍ବା ୧ଲକ୍ଷଟଙ୍କା ଜୋରିମାନା ଦେବେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବା ପ୍ରାବଧାନ ରହିଥିବାକୁ ନେଇ ସଚେତନତା କରାଯାଉଛି। ଆଜିର ଏହି ରଥ ଶୁଭାରମ୍ଭ ବେଳେ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଉପସ୍ଥିତ ଥିଲେ।

## ଉଦ୍ୟମିତା ବିକାଶ ତାଲିମ ଉଦ୍‌ଯାପିତ



ପାରଳାଖେମୁଣ୍ଡି,୨୫।୨(ସମିସ): ପାରଳାଖେମୁଣ୍ଡିରେଥିବା ଜିଲ୍ଲା ଶିଳ୍ପକେନ୍ଦ୍ର ସମ୍ମିଳନୀ କକ୍ଷରେ ଚାଲିଥିବା ଉଦ୍ୟମିତା ବିକାଶ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସୁନାରାମ ସିଂ, ଅବସରପ୍ରାପ୍ତ ଜିଲ୍ଲା କୃଷି ଉଦ୍ୟାନ ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାଶ୍, ଓଏଲ୍‌ଏମ୍ ର ଟିମନ ବାରା ଓ ବଦ୍ରୀ ନାରାୟଣ ମିଶ୍ର ମଞ୍ଚାସୀନ ଥିଲେ। ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ସେମାନେ ତାଲିମ ନେଇ ଆଗାମୀ ଜଣେ ଜଣେ ଉଦ୍ୟୋଗୀ ହେବା ସହ ନିଜେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସ୍ୱାବଲମ୍ବୀ ହେବାରେ ସହାୟକ ହୋଇପାରିବା ଏହି ତାଲିମର ମୂଳ ଲକ୍ଷ୍ୟ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶିକ୍ଷିତ ଯୁବକ ଯୁବତୀ ତାଲିମ ନେଇଛନ୍ତି। ଏହି ତାଲିମ ୧୨ ଦିନ ଧରି ଚାଲିଥିଲା।

## ବାଇକ୍ ସହ ୩୫ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ



ଫିରିଙ୍ଗିଆ,୨୫।୨(ସମିସ): ଗୋଚ୍ଛାପଡା ପୁଲିସ ବୁଧବାର ଏକ ବାଇକ ସହ ୩୫ କିଲୋ ଗଞ୍ଜେଇ ଜବତ କରିବା ସହ ଜଣେ ଚାଲାଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମାଫିଆ ଜଣକ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ନନ୍ଦନପଡା ଗାଁର ରାଜୁ ବାଗ୍। ଏକ ବିଶେଷ ସୂତ୍ରରୁ ଗୋଚ୍ଛାପଡା ଅଞ୍ଚଳରୁ ଭାୟା ଲୋଇସିଂ ହୋଇ କଣ୍ଟାମାଳ ଅଞ୍ଚଳକୁ ଏକ ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସକୁ ଖବର ମିଳିଥିଲା। ଗୋଚ୍ଛାପଡ଼ା ଥାନା ଅଧିକାରୀ ସଞ୍ଜିତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ଅଶୋକ ପରିଡା ଓ ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗୋଚ୍ଛାପଡା ଥାନା ବନ୍ଧୁଲି ଛକ ନିକଟରେ ଗଞ୍ଜେଇ ଚାଲାଣ କରୁଥିବା ବାଇକକୁ ଅଟକାଇଥିଲା। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାକୁ ନେଇ ଗୋଚ୍ଛପଡା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଗିରଫ ଯୁବକ ଜଣକ ଜଣେ ପେଷାଦାର ଗଞ୍ଜେଇ ମାଫିଆ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଥାନା ଅଧିକରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ରବିରେ ବି ଚଢ଼ା ଦରରେ ସାର ବିକ୍ରି; ଚିନ୍ତାରେ ଚାଷୀ

ପାରଳାଖେମୁଣ୍ଡି,୨୫।୨(ସମିସ): ଗଜପତି ଜିଲ୍ଲାରେ ଚଢ଼ା ଦରରେ ସାର ବିକ୍ରୀ ଯୋଗୁଁ ରବି ଅମଳ ପାଇଁ ଚାଷୀଙ୍କ ମୁଣ୍ଡବ୍ୟାଥାର କାରଣ ପାଲଟିଛି। ରବି ଚାଷରେ ଚାଷୀ ବିଭିନ୍ନ ପନିପରିବା, ମକା ଫସଲ ପାଇଁ ସାର ଆବଶ୍ୟକ କରିଥାଆନ୍ତି। କିନ୍ତୁ ଉଚିତ୍ ମୂଲ୍ୟରେ ସାର ଚାଷୀଙ୍କୁ ମିଳୁ ନଥିବା ଅଭିଯୋଗ ହେଉଛି। ସାରର ଅଭାବ ସମ୍ପର୍କରେ ବିଭାଗକୁ ଚାଷୀ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କିଛି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି। ଚାଷୀ ରବିଋତୁରେ ବିଭିନ୍ନ ପ୍ରକାର ଚାଷ କରିଥାଆନ୍ତି। ଧାନ ଫସଲ ପରେ ମାଣ୍ଡିଆ, ରାଶି, ସୂର୍ଯ୍ୟମୁଖୀ, ଭେଣ୍ଡି, ବାଇଗଣ, ଟମାଟୋ, କଲରା, ଲଙ୍କା ସହିତ ଧାନ, ମାଣ୍ଡିଆ ପ୍ରଭୃତି ଚାଷ କରିଥାଆନ୍ତି। କିନ୍ତୁ ସାର ଚଢା ଦରରେ ବିକ୍ରି ହେଉଥିବାରୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସରକାର କିମ୍ବା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଚାଷୀ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି। ଖରିଫ ଋତୁର ପୂର୍ବରୁ ମଧ୍ୟ ଏପରି ସାର କଳାବଜାରୀ ତଥା ଚଢାଦରରେ ବିକ୍ରି ହୋଇଥିବା ଦୃଷ୍ଟାନ୍ତ ରହିଛି। ଜିଲ୍ଲାରେ ଏପରି ବାରମ୍ବାର ଚାଷ ପୂର୍ବରୁ ସାର କଳାବଜାରୀ ବା ଚଢାଦରରେ ବିକ୍ରୀ ହେଉଥିବାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଏଥିରେ ଅସାଧୁ ସାର ବ୍ୟବସାୟୀଙ୍କ ସହ ବିଭାଗୀୟ କର୍ମଚାରୀ ବା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏପରି ଘଟୁଥିବା ଚାଷୀ ମହଲରେ ଆଲୋଚନା ହେଉଛି।

## ଜିଲ୍ଲା କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ

ଫୁଲବାଣୀ,୨୫।୨(ସମିସ): କନ୍ଧମାଳ ଜିଲ୍ଲା କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡ଼ାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂତନ ଭାବେ ମନୋନିତ ହୋଇଥିବା ସମସ୍ତ ବ୍ଲକ, ଏନ୍‌ଏସି ଏବଂ ପୌର ପରିଷଦର ସଭାପତି, ଜିଲ୍ଲା କମିଟର ସମସ୍ତ ସଦସ୍ୟ ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ଉପସଭାପତି ପବିତ୍ର ପ୍ରଧାନ ଓ ରଜତ ମହାନ୍ତି, ହେମନ୍ତ କୁମାର କର, ଜିଲ୍ଲା ସାଧାରଣ ସମ୍ପାଦକ ବସନ୍ତ କୁମାର ପାଢୀ, ନନ୍ଦ କିଶୋର ଦାସ, ସଂପାଦକ ସଂସାର ଭୋଇ , ସନ୍ତୋଷ ବକ୍ସି , କୋଷାଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସହିତ ଆଗାମୀ ତ୍ରିସ୍ତରୀୟ ପଂଚାୟତ ପାଇଁ ଏବେଠାରୁ ଦଳ ପ୍ରସ୍ତୁତ ରହିବା ସହିତ ଜନ ସମ୍ପର୍କ ଆୟୋଜନ କରି ଲୋକଙ୍କ ସହିତ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ବାଲିଗୁଡ଼ା ଅଞ୍ଚଳର ଟାଣୁଆ ଯୁବନେତା ଭୀମସେନ ବିନ୍ଧାଣୀ କଂଗ୍ରେସରେ ସାମିଲ୍ ହୋଇଥିବା ବେଳେ ତାଙ୍କୁ



ଦଳୀୟ ନେତାମାନେ ସ୍ୱାଗତ କରିଥିଲେ। ଦୀର୍ଘ ସମୟଧରି ବିଭିନ୍ନ ଦିଗ ଉପରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା କରାଯାଇଥିବା ବେଳେ ସଭା ପରେ ପରେ ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ସମସ୍ତ ଦଳୀୟ ନେତା ଓ କର୍ମୀମାନେ କେନ୍ଦ୍ରର ବିରୋଧୀ ଦଳ ନେତା ରହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଦେଇଥିବା ଆଶାଳିନୀ ମନ୍ତବ୍ୟ ବିରୋଧରେ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ ଏବଂ କିରନ୍ ରିଜୁଜୁ ଏବଂ ସଂସାଦ ନିଶିକାନ୍ତ ଦୁବେଙ୍କ ନାମରେ ଫୁଲବାଣୀ ଆଦର୍ଶ ଥାନାରେ ଏକ ଏତଲା ଦେଇଥିଲେ।

## ନନ୍ଦାଗିରିରେ ସିରିଜ ଦୁର୍ଘଟଣା; ଦୁଇ ଗୁରୁତର

ଜି ଉଦୟଗିରି,୨୫।୨(ସମିସ): ଜି.ଉଦୟଗିରି ନିକଟସ୍ଥ ନନ୍ଦଗିରି ନିକଟରେ ସିରିଜ୍ ଦୁର୍ଘଟଣା ଘଟାଇଛି ଏକ କାର। ଜି.ଉଦୟଗିରି ପଟୁ କାର୍‌ଟି ଦ୍ରୁତ ଗତିରେ ଆସି ନନ୍ଦଗିରୀ ପାଖରେ ଦୁଇ ଜଣ ଚାଲି ଚାଲି ଯାଉଥିବାବେଳେ ଧକ୍କା ଦେଇଥିଲା। ପରେ ଏକ ଅଟୋକୁ ପିଟି ଦେବାପରେ ଏକ ସ୍କର୍ପିଓକୁ ମଧ୍ୟ ଧକ୍କା ଦେଇଥିଲା। ଚାଲି ଚାଲି ଆସୁଥିବା ୨ଜଣ ଗୁରୁତର ଅବସ୍ଥାରେ ଜି. ଉଦୟଗିରି ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଉଅଛି। କିନ୍ତୁ କାର୍‌ରେ ବସିଥିବା ୨ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କାର୍ ଭିତରେ ରକ୍ତ ଲାଗିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଛି।

## ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ଜୀବନ ପରିବର୍ତ୍ତନ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୫।୨(ସମିସ): ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ ଆର୍ବନ ବ୍ୟାଙ୍କ ପଡିଆରେ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ମୁକୁନ୍ଦାନନ୍ଦଜୀଙ୍କ ଦ୍ୱାରା ଆୟୋଜିତ "ଜୀବନ ପରିବର୍ତ୍ତନ' କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ପାରଳାଖେମୁଣ୍ଡି ସହର ତଥା ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ସ୍ୱାମୀଜୀଙ୍କ ଅମୃତ ବଚନ ଶ୍ରବଣ କରିଥିଲେ। ସ୍ୱାମୀଜୀ ନିଜ ପ୍ରବଚନ ମାଧ୍ୟମରେ ମନୁଷ୍ୟ ଜୀବନର ଲକ୍ଷ୍ୟ, ମନର ନିୟନ୍ତ୍ରଣ ଏବଂ ସକାରାତକ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ୱାମୀଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଧା ଗୋବିନ୍ଦ ଧାମ କମିଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଦୁଇ ମାଓବାଦୀଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର

ଫୁଲବାଣୀ, ୨୫।୨(ସମିସ): ଗତ ରବିବାର ରାଇକିଆ ଥାନା କରଡ଼ା ଜଙ୍ଗଲରେ ପୁଲିସ ଗୁଳିରେ ନିହତ ହୋଇଥିବା ଦୁଇ ମାଓବାଦୀଙ୍କ ମୃତଦେହ ଆଜି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ସୂଚନାଯୋଗ୍ୟ, ରବିବାର କରଡ଼ା ଜଙ୍ଗଲରେ ଏସ୍‌ଓଜି ପକ୍ଷରୁ ଏକ କମ୍ବିଂ ଅପରେସନ କରାଯାଇଥିଲା। ସୁରକ୍ଷା ବାହିନୀ



ସହିତ ଗୁଳି ବିନିମୟରେ କେକେବିଏନ ସଂଗଠନର ଡେପୁଟି ପ୍ଲାଟୁନ କମାଣ୍ଡର ଜାଗେଶ ଓ ପାର୍ଟି ମେମ୍ବର ରତ୍ନାଙ୍କ ମୃତ୍ୟୁ ହୋଇଥିଲା। ଉଭୟଙ୍କ ମୃତଦେହ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ରଖାଯାଇଥିଲା। ଆଜି ଉଭୟଙ୍କ ପରିବାର ଲୋକ ଆସି ଶବ ଚିହ୍ନଟ କରିବା ସହିତ ଜିଲ୍ଲା ପୁଲିସ ନିକଟରୁ ମୃତଦେହ ଗ୍ରହଣ କରିଛନ୍ତି। ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ ଭୋଁସଲେ ଆବଶ୍ୟକୀୟ ପ୍ରକ୍ରିୟା ପରେ ଶବ ହସ୍ତାନ୍ତର କରିଥିବା ସୂଚନା ଦେଇଛନ୍ତି ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ। ସୂଚନାଯୋଗ୍ୟ, ଜାଗେଶଙ୍କ ଘର ଛତିଶଗଡ଼ର ସୁକମା ଜିଲ୍ଲାରେ ହୋଇଥିବା ବେଳେ ରତ୍ନାଙ୍କ ଘର ବିଜାପୁର ଜିଲ୍ଲାରେ।

## ସ୍ମୃତିର ପାହାଚରେ ଏଏମ୍‌ସିଏସ୍

# ପାବୁରିଆର 'ଭାତହାଣ୍ଡି' ଆଜି କଙ୍କାଳ ସଦୃଶ

ଟିକାବାଲି,୨୫।୨(ସମିସ)

ସମୟର ଚକ୍ରରେ ଅନେକ ସଂସ୍ଥା ଗଢ଼ିଉଠେ ଆଉ ଅନେକ ବିଲୀନ ହୋଇଯାଏ। କିନ୍ତୁ କିଛି ଅନୁଷ୍ଠାନ ଏମିତି ଥାଏ, ଯାହା ସହ ହଜାର ହଜାର ନିରୀହ ମଣିଷଙ୍କ ପେଟର ଦାନା ଓ ଜୀବନ ଜୀବିକା ଯୋଡ଼ି ହୋଇରହିଥାଏ। ସେମିତି ଏକ ଜଣାଶୁଣା ସଂସ୍ଥା ହେଉଛି ଆଞ୍ଚଳିକ ମାଲ ବାଣିଜ୍ୟ ସମବାୟ ସମିତି(ଏଏମ୍‌ସିଏସ୍)। ଦିନେ ଯେଉଁ ଅନୁଷ୍ଠାନ ତତ୍କାଳୀନ ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲାର ଆର୍ଥିକ ଅନଗ୍ରସର ଜନଜାତି ଓ ଗରିବ ଲୋକଙ୍କ ପାଇଁ ଭାତହାଣ୍ଡି ସଦୃଶ ଥିଲା, ଆଜି ତାହା ପରିତ୍ୟକ୍ତ ଅବସ୍ଥାରେ ମାଟିରେ ମିଶିବାକୁ ବସିଲାଣି। ଟିକାବାଲି ବ୍ଲକ ପାବୁରିଆ ସ୍ଥିତ ଏହି ସୋସାଇଟିର ଭଗ୍ନଗୃହ ଏବେ ସ୍ଥାନୀୟ ଲୋକଙ୍କ ପାଇଁ କେବଳ ଏକ ଦୁଃଖଦ ସ୍ମୃତି ହୋଇ ରହିଯାଇଛି।

ଭାରତ ସ୍ୱାଧୀନ ହେବା ପରେ ପରେ କନ୍ଧମାଳ (ତତ୍କାଳୀନ ଫୁଲବାଣୀ) ଭଳି ଦୁର୍ଗମ ଅଞ୍ଚଳର ଅଧିବାସୀଙ୍କୁ ଶୋଷଣମୁକ୍ତ କରିବା ଓ ସେମାନଙ୍କୁ ସଠିକ୍ ମୂଲ୍ୟ ପ୍ରଦାନ କରିବା ଲକ୍ଷ୍ୟରେ ଏହି ସୋସାଇଟି ଗଠନ କରାଯାଇଥିଲା। ବିଶେଷ କରି ଜଙ୍ଗଲଜାତ ଦ୍ରବ୍ୟ ହଳଦୀ, ମହୁ, ଝୁଣା, ଶିଆଳିପତ୍ର ଓ ଅନ୍ୟାନ୍ୟ ଜିନିଷ ସଂଗ୍ରହ କରି ଏଠାରେ ବିକ୍ରି କରି ଲୋକେ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ବ୍ରହ୍ମପୁର, ଜି.ଉଦୟଗିରି, ଭୁବନେଶ୍ୱର ଏବଂ ସୁଦୂର ବମ୍ବେ (ମୁମ୍ବାଇ) ପର୍ଯ୍ୟନ୍ତ ଏହାର ଶାଖା ଓ ନିଜସ୍ୱ କୋଠାବାଡ଼ି ରହିଥିଲା। ଏହା କେବଳ ଏକ ସଂସ୍ଥା ନଥିଲା ବରଂ ଅଞ୍ଚଳର ଅର୍ଥନୀତିର ମେରୁଦଣ୍ଡ ଥିଲା। କିନ୍ତୁ ୧୯୯୭ ମସିହା ପରଠାରୁ କୁପରିଚାଳନା ଓ ସରକାରୀ ଉଦାସୀନତା ଯୋଗୁଁ ଏହି ସଂସ୍ଥା ଧୀରେ ଧୀରେ ରୁଗଣ ହେବାକୁ ଲାଗିଲା। ବହୁମୂଲ୍ୟ କୋଠାବାଡ଼ି ଏବେ ଅନାବନା ଗଛଲତା ଘେରରେ ରହିଛି। ପାବୁରିଆ ସ୍ଥିତ କୋଠା ଏବେ ସମ୍ପୂର୍ଣ୍ଣ ବିପଜ୍ଜନକ ଅବସ୍ଥାରେ। ଚାଳ ଉଡ଼ିଗଲାଣି, କାନ୍ଥ ଫାଟି ଆଁ କଲାଣି। ଯେଉଁଠି ଦିନେ ଶହ ଶହ ଲୋକଙ୍କ ଭିଡ଼ ଜମୁଥିଲା, ସେଠି ଆଜି କେବଳ ଶୂନ୍ୟତା। ୩୦ ବର୍ଷ ହେବ ଏହି ସଂସ୍ଥାର ପୁନରୁଦ୍ଧାର ପାଇଁ ଅନେକ ସ୍ତରରେ ଦାବି ହୋଇଆସୁଛି, ହେଲେ ଫଳ ଶୂନ।

## କେବେ ଫେରିବ ପୁରୁଣା ଗରିମା?



ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହା ଲୋକଙ୍କ ସମ୍ପତ୍ତି ଏବଂ ଏହାର ସୁରକ୍ଷା ହେବା ଜରୁରୀ। କିନ୍ତୁ ପୁନରୁଦ୍ଧାର କାର୍ଯ୍ୟ କେତେବାଟ ଆଗେଇଛି, ସେ ସମ୍ପର୍କରେ ସାଧାରଣ ଲୋକଙ୍କ ପାଖରେ କୌଣସି ସ୍ୱଷ୍ଟ ସୂଚନା ନାହିଁ। ପ୍ରଶାସନିକ ସ୍ତରରେ ହେଉଥିବା ଆଲୋଚନା କେବଳ କାଗଜପତ୍ରରେ ସୀମିତ ରହିଯାଉଛି କି ବୋଲି ପ୍ରଶ୍ନ ଉଠୁଛି। ସୋସାଇଟିର ପରିତ୍ୟକ୍ତ କୋଠାଗୁଡ଼ିକର ମରାମତି କରାଯାଇ ଏହାକୁ ପୁଣି କାର୍ଯ୍ୟକ୍ଷମ କରାଯାଉ। ଏହି ସଂସ୍ଥାର କେତେ ସମ୍ପତ୍ତି ଅଛି ଏବଂ ପୁନରୁଦ୍ଧାର ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତାହା ସର୍ବସାଧାରଣରେ ପ୍ରକାଶ କରାଯାଉ। କନ୍ଧମାଳର ଜୈବିକ ହଳଦୀ ଓ ଜଙ୍ଗଲ ଦ୍ରବ୍ୟର ବଜାରୀକରଣ ପାଇଁ ଏଏମସିଏସକୁ ଏକ ନୂତନ ରୂପରେ ଗଢ଼ାଯିବାକୁ ପାବୁରିଆ ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ଓ ଚାଷୀ ଦାବି କରିଛନ୍ତି। ପାବୁରିଆର ଏହି ଭଗ୍ନ କୋଠା ଆଜି ସ୍ଥାନୀୟ ବିକାଶର ଏକ ବଡ଼ ପ୍ରଶ୍ନବାଚୀ। ସରକାର ଓ ଜିଲ୍ଲା ପ୍ରଶାସନ ଏହି ଐତିହ୍ୟ ସଦୃଶ ସଂସ୍ଥାକୁ ମାଟିରେ ମିଶିବାରୁ ରକ୍ଷା କରିବେ ନା ସମୟର ସ୍ରୋତରେ ଏହା ସମ୍ପୂର୍ଣ୍ଣ ହଜିଯିବ, ତାହା ଏବେ ପ୍ରଶ୍ନ ହୋଇଛି।

## ମା' ଶ୍ୟାମାକାଳୀଙ୍କ ଦେବସ୍ନାନ

ବେଲଗୁଣ୍ଠା,୨୫।୨(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ତନରଡା ଗ୍ରାମରେ ମାଆ ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ୪୮ ପ୍ରହର ଅଖଣ୍ଡ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଗୋ ଯଜ୍ଞ, ଘୃତ ଯଜ୍ଞ, ପଞ୍ଚକୁଣ୍ଡୀୟ ମହାଯଜ୍ଞ ପାଞ୍ଚ ଦିନ ହେଲା ଅନୁଷ୍ଠିତ ହୋଇଆସୁଛି। ବୁଧବାର ମା'ଙ୍କ ଦେବସ୍ନାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ମୀନା ବଜାର, ରାମ ଦୋଳି, ଟୋରାଟୋରା, ଡିସ୍କୋ ଭଳି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଅପେରା କାର୍ଯ୍ୟକ୍ରମ ଚାଲୁ ରହିଛି। କାର୍ଯ୍ୟକ୍ରମରେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଗୁରୁବାର ମା'ଙ୍କ ପିତଳ ମୂର୍ତ୍ତିକୁ ନଗର ପରିକ୍ରମା ପରେ ଗୃହ ପ୍ରବେଶ କରାଯାଇ ସିଂହାସନ ଆରୋହଣ କରାଯିବ ବୋଲି ଜଣାପଡିଛି।

## ବାସବୀ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରତିଷ୍ଠା



ରମ୍ଭା,୨୫।୨(ସମିସ): ସ୍ଥାନୀୟ ବାସବୀ କନ୍ୟକା ପରମେଶ୍ୱରୀ (ମହାଲକ୍ଷ୍ମୀ) ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଶିଳ୍ପୀ ଶାସ୍ତ୍ରୀ,ବାସ୍ତୁ ବିଶାରଦ, ବିଦ୍ୱାନ ଓ ମନ୍ଦିର ନିର୍ମାଣ ବିଶେଷଜ୍ଞ ଅର୍ଜିଙ୍ଗି ଜଗଦୀଶ୍ୱର ରାଓ ପାଲାସାଙ୍କ ତତ୍ତ୍ୱାବଧାନରେ ତଥା ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି। ଏହି ପ୍ରେକ୍ଷୀରେ କଳିଙ୍ଗ ବୈଶ୍ୟ ସମାଜର ସହସ୍ରାଧିକ ମହିଳା ହସ୍ତରେ କଳସ ଧରି ମା' ଗାୟତ୍ରୀ ଶକ୍ତି ପୀଠରେ ମା'ଙ୍କ ଦର୍ଶନ କରିବା ପରେ ବାଲୁଙ୍କେଶ୍ୱର ମନ୍ଦିର ନିକଟସ୍ଥ ପୁଷ୍କରଣୀରୁ ଜଳପୂର୍ଣ୍ଣ କଳସ ଧରି ରମ୍ଭା ସହର ପରିକ୍ରମା କରିବା ପରେ ମା' ମହାଲକ୍ଷ୍ମୀ ମନ୍ଦିର ପାଶ୍ୱର୍ରେ ଅସ୍ଥାୟୀ ଯଜ୍ଞ ପୀଠରେ ମା' ମହାଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ଉପରେ ଜଳ ଅର୍ପଣ ପୂର୍ବକ ପଣ୍ଡିତ ମାନଙ୍କ ଶ୍ଳୋକ ଉଚ୍ଚାରଣରେ କରିଥିଲେ ମା'ଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ କର୍ତ୍ତା ରୁପେ ଉଭୟେ ପତି, ପତ୍ନୀ ତଥା ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ଉପ ସଭାପତି ଟି. ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଖଲ୍ଲିକୋଟ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟାପକ ପି.ପ୍ରସାଦ ରାଓ ପୃଷ୍ଟି, କେ.ସୁଶାନ୍ତ କୁମାର ପାତ୍ର, କେ.ପ୍ରଦୀପ କୁମାର ପାତ୍ର, ଟି.ରାଜେନ୍ଦ୍ର କୁମାର ସେନାପତି, ଟି.ଅର୍ଜୁନ ସୁବୁଦ୍ଧି, ଦୁର୍ଗା ପ୍ରସାଦ ରାଓ, ପି.ସଞ୍ଜୟ ପୃଷ୍ଟି, ଭି.ସୂର୍ଯ୍ୟ ନାରାୟଣ, ଭି.ଶୈଳଜା, ଟି.ଶେଷଦେବ ପାତ୍ର ପ୍ରମୁଖ ୧୧ ଜଣ ସାମିଲ ହୋଇଥିଲେ। କଳିଙ୍ଗ ବୈଶ୍ୟ ସମାଜର ସମସ୍ତ କାର୍ଯ୍ୟକର୍ତ୍ତା ସମେତ ରମ୍ଭା ଓ ଆଖପାଖ ଇଲାକାର ସମସ୍ତ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ଫଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକ



ଦିଗପହଣ୍ଡି,୨୫।୨(ସମିସ): ଦିଗପହଣ୍ଡିର ବରିଷ୍ଠ ଆଇନଜୀବୀ ଦିବାକର ପାଢ଼ୀ(୭୫)ଙ୍କ ବ୍ରହ୍ମପୁର ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘବର୍ଷ ହେଲା ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଓକିଲ ସଂଘର ସଦସ୍ୟ ଭାବେ ଜିଲ୍ଲା ଜଜ୍ କୋର୍ଟରେ ଓକିଲାତି କରୁଥିଲେ। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ସେ ଓକିଲାତି ପେଷାକୁ ସେବା ଭାବରେ ଗ୍ରହଣ କରି ଗରିବଙ୍କ ପାଇଁ ଜଣେ ଦରଦୀ ବନ୍ଧୁ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ସଭାପତି ହୃଦୟରଞ୍ଜନ ମେକାପ, ପୂର୍ବତନ ସଭାପତି ହରପ୍ରସାଦ ରଥ, ବରିଷ୍ଠ ଆଇନଜୀବି ସୂର୍ଯ୍ୟ ନାରାୟଣ ସାହୁ, ରସାନନ୍ଦ ରାଉତ, ଏ. ସୋମେଶ୍ୱର ରାଓ, ଚନ୍ଦ୍ରଧ୍ୱଜ ସିଂହ, ରବୀନ୍ଦ୍ରନାଥ ପାଣିଗ୍ରାହୀ, ସୁରେଶ ଚନ୍ଦ୍ର ସାହୁ, କୁରେଶୁ ପଣ୍ଡା, ଅଶେଷ ନାଥ ମିଶ୍ର, ମନୋରଞ୍ଜନ ପଣ୍ଡା, ବିପିନ ବିହାରୀ ପଟ୍ଟନାୟକ, ସରକାରୀ ଓକିଲ ପରେଶ ଚନ୍ଦ୍ର ରଥ, ହେମନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଶୋକ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ସ୍ୱର୍ଗତ ଦିବାକର ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀଙ୍କ ବଡ଼ ଭାଇ।

## ବିଭିନ୍ନ ଅନୁଷ୍ଠାନରେ ରୋଟାରୀ ଦିବସ




ଭଞ୍ଜନଗର,୨୫।୨(ସମିସ): ରୋଟାରୀ କ୍ଲବ ସଭାପତି ରୋଟାରୀୟାନ ରଂଜିତ କୁମାର ବାରିକଙ୍କ ସଭାପତିତ୍ୱରେ ରୋଟାରୀ ଦିବସ ପାଳନ କରାଯାଇଛି। ପ୍ରଥମେ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଳାସପଦର ଠାରେ ଛାତ୍ରଛାତ୍ରୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର ସକାଶେ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଅଚାରୀ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପରିବେଶ ସଂରକ୍ଷଣ, ଜଳ, ବାନ୍ୟଜନ୍ତୁ ସୁରକ୍ଷା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାତୀ ମଞ୍ଜରୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ରୋଟାରିୟନ ସନ୍ତୋଷ ଜେନା, ଇନେର ହୁଇଲ କ୍ଲବ ସଭାପତି ସୁନିତା ବାରିକ, ଶ୍ରୀନିବାସ ସୁବୁଦ୍ଧି, ରାମଚନ୍ଦ୍ର ମିଶ୍ର, ଦିଲ୍ଲୀପ କୁମାର ରାଜୁ, ସଂଜୀବ କୁମାର ଚୌଧୁରୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହାପରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଭଞ୍ଜନଗର ଠାରେ ମଧ୍ୟ ରୋଟାରୀ ଦିବସ ବ୍ରହ୍ମାକୁମାରୀ ସନ୍ତୋଷିନୀ ଭଉଣୀଙ୍କ ସଭାପତିତ୍ୱରେ ପାଳନ କରାଯାଇଥିଲା। ରୋଟାରିୟନ ରାମଚନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

**ଅସହାୟ ପୁଅର ଆକୁଳ ନିବେଦନ**

# 'ବାବୁମାନେ ମୋ ବାପା-ମା'ଙ୍କୁ ଭଲ କରିଦିଅନ୍ତୁ'

ଛତ୍ରପୁର,୨୫।୨(ସମିସ)



ସାର ଆଜ୍ଞା ଓ ବାବୁ ମୋ ବାପା-ମା'ଙ୍କୁ ଭଲ କରିଦିଅନ୍ତୁ। ମୁଁ ତାଙ୍କ ବିନା ବଞ୍ଚିପାରିବିନି। ମୋ ପାଖରେ ଟଙ୍କା ପଇସା ଘୋର ଅଭାବ। ମୁଁ କେମିତି ତାଙ୍କର ଉତ୍ତମ ଚିକିତ୍ସା କରିବି ବୋଲି କାନ୍ଦି କାନ୍ଦି କହିଛନ୍ତି ପୁଅ ତଥା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ପୁରୁଣାପାଟଣା ଗ୍ରାମର ରାମ ନାୟକ। ସେ ଜଣେ ନିହାତି ଗରିବ ଏବଂ ଅନୁସୂଚିତ ଜାତି ସମ୍ପ୍ରଦାୟର ଅଟନ୍ତି। ତାଙ୍କର ପିତା ରାଜୁ ନାୟକ (୫୬) ଏବଂ ମାତା ତମାଳ ନାୟକ (୪୫) ଙ୍କର ଲିଭର ସମସ୍ୟା ସହ କିଡନୀ ରୋଗରେ ପୀଡ଼ିତ ଥିବା ନେଇ ଜିଲ୍ଲା ପ୍ରଶାସନ ନିକଟରେ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଦରଖାସ୍ତ ଦେଇ ନିବେଦନ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଭର୍ତ୍ତି କରି ଚିକିତ୍ସା ଜାରି ରହିଛି। ରେଡକ୍ରସ ପାଣ୍ଠିର ସାହାର୍ଯ୍ୟ ମିଳିଛି। ସେପଟେ ଏହାର ଖବର ପାଇ ବୁଧବାର ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ର, ବରିଷ୍ଠ ସମାଜସେବୀ ଭାଗିରଥି ବେହେରା, ୟୁଥମାସ ସେବା ସଂଘର ଅଧ୍ୟକ୍ଷ ବନମାଳୀ ନେପାକ, ସମ୍ପାଦକ ସୟଦ ମୁକ୍ତାର, ତ୍ରିଲୋଚନ ବେହେରା, ବି. ଗୋପାଳ ସ୍ୱାମୀ, ମାଙ୍ଗଲେଶ୍ୱର ରାଓଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ମାନେ ଚିକିତ୍ସାଳୟରେ ପହଞ୍ଚି କିଡ଼ନୀ ରୋଗରେ ଆକ୍ରାନ୍ତ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଭେଟି ତାଙ୍କର ସ୍ୱାସ୍ଥ୍ୟ ଆରୋଗ୍ୟ କାମନା କରିବା ସହିତ କିଛି ଆର୍ଥିକ ସାହାର୍ଯ୍ୟ କରିଛନ୍ତି। ଏହାସହ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଉଚିତ ସ୍ୱାସ୍ଥ୍ୟ ସେବା ସହିତ ଆର୍ଥିକ ସାହାର୍ଯ୍ୟ କରିବା ନିମନ୍ତେ ଅନୁରୋଧ କରିଛନ୍ତି।

ପ୍ରକାଶ ଥାଉକି, ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ପଞ୍ଚାୟତର ପୁରୁଣାପାଟଣା ଗ୍ରାମର ଏହି ଗରିବ ପରିବାରର ବୋଝ ମୁଣ୍ଡାଇ ଦୁଃଖରେ ଭାଙ୍ଗିପଡ଼ିଛି ପୁଅ ରାମ ନାୟକ। ଅଭାବ ଅନାଟନ ମଧ୍ୟରେ ରହି ଦିନ କାଟୁଥିବା ରାମ ନାୟକ ୨୬ ବର୍ଷ ହୋଇଥିଲେ, ମଧ୍ୟ ବିଭିନ୍ନ ଯାନିଯାତ୍ରା ପର୍ବପର୍ବାଣୀମାନଙ୍କରେ ନିଜକୁ ଷ୍ଟେଚୁ କରି ଗୋଲ୍ଡେନ ବୟେ ରାମ ନାମରେ କ୍ଷୁଦ୍ର କଳାକାର ଭାବରେ ଜଣାଶୁଣା। ଲୋକମାନେ ସେହି ଷ୍ଟେଚ୍ୟୁ ଦେଖି ଖୁସିରେ କିଛି କିଛି ଅର୍ଥ ଦେଇଥାନ୍ତି ଓ ତେବେ ଯାହା ବି ରୋଜଗାର ହୁଏ, ତାହା ସଞ୍ଚୟ କରି ନିଜ ପିତା ରାଜୁ ନାୟକ ଓ ମାଆ ତମାଳ ନାୟକଙ୍କ ଚିକିତ୍ସା କରୁଛନ୍ତି। ତାଙ୍କର ପିତାମାତା ଲିଭର୍ ଓ କିଡନୀ ରୋଗରେ ପୀଡିତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲ ଅନେକ ଥର ଚିକିତ୍ସା ହୋଇ ଆସିଛନ୍ତି। ଅନ୍ୟପଟେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ଚିକିତ୍ସା ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଚାଲିଛି। ରେଡକ୍ରସ ପାଣ୍ଠିରୁ ସାହାର୍ଯ୍ୟ ମିଳିଛି। ଏହା ସହିତ ଚିକଲ ଖଣ୍ଡି ସରପଞ୍ଚ ଭଗବାନ ବେହେରା ଏବଂ ପଞ୍ଚାୟତର କିଛି ବ୍ୟକ୍ତି ଭେଟି କିଛି ସହାୟତା ମଧ୍ୟ କରିଥିବା ସୂଚନା ମିଳିଛି।

## କର୍କଟ ପୀଡ଼ିତ ଶିଶୁଙ୍କ ପରିବାରକୁ ସହାୟତା



ରଙ୍ଗେଇଲୁଣ୍ଡା,୨୫।୨(ସମିସ): କନିଷି ତହସିଲ ଇନ୍ଦ୍ରାକ୍ଷୀ ଗ୍ରାମ ଓଡିଆରପି କଲୋନୀରେ ରହୁଥିବା ଗରିବ ତଥା ଦିନମଜୁରିଆ ସୁଦାମ ବେହେରା ଓ ମା କୁମାରୀ ବେହେରଙ୍କ ୩ ବର୍ଷର ଶିଶୁପୁତ୍ର ରୁଦ୍ର ପ୍ରତାପ ବେହେରା ଦୀର୍ଘ ୨ବର୍ଷ ହେଲା ରକ୍ତ କର୍କଟ ରୋଗରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଅଧିକ ଚିକିତ୍ସା ନିମନ୍ତେ ଅର୍ଥ ଆବଶ୍ୟକ ଥିବାରୁ ସହାୟତାର ହାତ ବଢ଼ାଇଛନ୍ତି ଚାନ୍ଦପୁର ଗ୍ରାମର ସମାଜସେବୀ ଅଜିତ କୁମାର ଦଳେଇ। ଅଜିତ୍ ରୁଦ୍ର ନିକଟରେ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ତାଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସୁଦାମ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ପୁଅ ରୁଦ୍ର ଦେଢ଼ବର୍ଷ ତଳେ ରକ୍ତ କର୍କଟରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଥିଲା। ପରିବାର ବର୍ଗ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ ବି ସ୍ୱାସ୍ଥ୍ୟଅବସ୍ଥାରେ ଉନ୍ନତି ହୋଇନଥିଲା। ପରିବାର ବର୍ଗ ବିଶାଖାପାଟଣାର ଏକ ଘରୋଇ ଡ଼ାକ୍ତରଖାନାରେ ରୁଦ୍ରଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକାର୍ଡରେ ଚିକିତ୍ସା ଚାଲିବା ଏବଂ ଗ୍ରାମବାସୀ ଚାନ୍ଦା କରି କିଛି ଟଙ୍କା ପ୍ରଦାନ କରିଥିଲେ। ଶେଷରେ ଅସ୍ତ୍ରୋପ୍ରଚାର ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡ଼ିବାରୁ ସୁଦାମ ନିଜ ଘର ବିକି ରୁଦ୍ରଙ୍କ ଅସ୍ତ୍ରୋପଚାର କରାଇଥିଲେ। ଔଷଧ ପାଇଁ ଟଙ୍କା ଦରକାର ଥିବାବେଳେ ପରିବାର ଲୋକେ ସହାୟତା ପାଇଁ ନିବେଦନ କରିଥିବା ଖବର ପାଇ ଅଜିତଙ୍କ ସହ ସଲିପ ପାତ୍ର, କାହ୍ନା ମହାନ୍ତି, କୁରେଶ ବେହେରା ପ୍ରମୁଖ ସୁଦାମଙ୍କ ଘରେ ପହଁଞ୍ଚି ଔଷଧ ଖର୍ଚ୍ଚ ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।

## ବେଲଘର, ତର୍ଗାବାଲିରେ ଡିମ୍ବୁଲି ମହୋତ୍ସବ



ବାଲିଗୁଡା,୨୫।୨(ସମିସ): ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ତର୍ଗାବାଲି ଗ୍ରାମରେ ପ୍ରତ୍ୟେକବର୍ଷ ପରି ଚଳିତବର୍ଷ ମଧ୍ୟ ଅତି ଆଡମ୍ବର ସହିତ ଡିମ୍ବୁଲି ମହୋତ୍ସବ ସମାରୋହ ଅନୁଷ୍ଠିତ ହୋଇଥିଲା। ପୂର୍ବ କାଳରୁ ଅଞ୍ଚଳର ଆଦିବାସୀ କୁଟିଆ କନ୍ଧ ସମ୍ପ୍ରଦାୟର ଲୋକେ ମା ଡିମ୍ବୁଲି ପାହାଡ଼କୁ ପୂଜାର୍ଚ୍ଚନା କରିଆସୁଥିଲେ। କିନ୍ତୁ ଚାରି ବର୍ଷ ହେବ ମା ଡିମ୍ବୁଲି ନାମକ ଏକ କମିଟି ଗଠନ କରି ମା ଡିମ୍ବୁଲି ପାହାଡ଼କୁ ପୂଜାର୍ଚ୍ଚନା କରିବା ସମେତ ଡିମ୍ବୁଲି ମହୋତ୍ସବ ଭାବରେ ଦୁଇ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ କରି ପାଳନ କରୁଛନ୍ତି। ଡିମ୍ବୁଲି ପାହାଡ଼ ଏକ ପୂଜାସ୍ଥଳୀ ନୁହେଁ। ଏହା ଏକ ଭଲ ପର୍ଯ୍ୟଟନ ସ୍ଥଳୀ ମଧ୍ୟ ହୋଇପାରିବ ବୋଲି କୁହାଯାଇଛି। ପ୍ରତ୍ୟେକ ବର୍ଷ ମା ଡିମ୍ବୁଲିଙ୍କୁ ପୂଜା କରିବାର ଓଡ଼ିଶାରେ ପ୍ରଚାର ପ୍ରସାର ହୋଇପାରୁନି। କାରଣ ଡିମ୍ବୁଲି ପାହାଡ଼କୁ ଗମନାଗମନ ପାଇଁ ଭଲ ରାସ୍ତା ନଥିବାରୁ ଅଞ୍ଚଳରେ ପର୍ଯ୍ୟଟକଙ୍କୁ ସେଠାକୁ ଯିବାକୁ ସୁବିଧା ହେଉନାହିଁ। ଏହି ପୂଜା ପ୍ରଚାରପ୍ରସାର ହୋଇପାରୁନଥିବା ଡିମ୍ବୁଲି ମହୋତ୍ସବ କମିଟିର ସଦସ୍ୟ କହିଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା



ବାଲିଗୁଡା,୨୫।୨(ସମିସ): ବାଲିଗୁଡା ସ୍ଥିତ ନୁଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ କାଳୀନ ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମେ ସଂଘର ବାର୍ଷିକ ବିବରଣୀ ପଠନ ସହ ଆୟବ୍ୟୟର ସମୀକ୍ଷା କରାଯାଇ ଉପସ୍ଥାପନ କରାଯାଇଥିଲା। ସଂଘର କାର୍ଯ୍ୟକର୍ତ୍ତାଙ୍କ ନିଷ୍ପତ୍ତି ପ୍ରକାରେ ସଂଘକୁ ପୁନର୍ଗଠନ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସହମତି କ୍ରମେ ସଭାପତି ଭାବେ ସାବତ ପ୍ରଧାନ, ଉପସଭାପତି ରଶ୍ମିତା ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ଜୟ ପ୍ରକାଶ ପ୍ରଧାନ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପ ସମ୍ପାଦକ କଳା ଶ୍ରୀମୁଖ ପୂଜାରୀ, ସାଙ୍ଗଠନିକ ସମ୍ପାଦକ ରବୀନ୍ଦ୍ର ପାଣିଗ୍ରାହୀ ଏବଂ ଉପଦେଷ୍ଟା ମଣ୍ଡଳୀରେ ସୁରେଶ ଚନ୍ଦ୍ର ଦାସ, ପଦ୍ମ ଚରଣ ତ୍ରିପାଠୀ, ସନାତନ ପରିଚ୍ଛା ଓ ରାଜୁ ଦିଗାଳଙ୍କ ସମେତ ପ୍ରତ୍ୟେକ କ୍ଲଷ୍ଟରର ଆଞ୍ଚଳିକ ସାଧନ କର୍ମୀଙ୍କୁ ନିଜ ନିଜର କ୍ଲଷ୍ଟରର ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି। ଶେଷରେ ଯୁଗ୍ମ ସଂଯୋଜକ ଉତ୍କଳ କେଶରୀ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖିବା ଜରୁରୀ




ଭଞ୍ଜନଗର,୨୫।୨(ସମିସ): ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ବୁଧବାର +୩ ପ୍ରଥମ ବର୍ଷ ଛାତ୍ରୀଙ୍କୁ ନେଇ ଏକ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହା ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦୈନନ୍ଦିନ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ। ଛାତ୍ରୀମାନେ ନିଜକୁ ନିଜେ ଅନ୍ୟମାନଙ୍କ ଆକ୍ରମଣରୁ କିଭଳି ରକ୍ଷା କରିପାରିବେ ଏହା ହିଁ ଶିବିରର ମୁଖ୍ୟ ଲକ୍ଷ୍ୟ। ମହିଳା ସଶକ୍ତ ହେଲେ ଓଡିଶା ସଶକ୍ତ ହେବ। ତାହାହେଲେ ଯାଇ ଛାତ୍ରୀମାନେ ପ୍ରତିଟି ପରିସ୍ଥିତିର ମୁକାବିଲା କରିପାରିବେ ବୋଲି ଅତିଥିମାନେ କହିଥିଲେ। ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ସରକାରଙ୍କ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଭଞ୍ଜନଗର ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନିବେଦିତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ ସନାତନ ବେହେରା, ଛାତ୍ରୀ ଆତ୍ମରକ୍ଷା ସହ-ଯୋଜନା ଅଧିକାରୀ ପ୍ରାଧ୍ୟାପକ ବିଜୟ ମଲ୍ଲିକ ଓ ପ୍ରାଧ୍ୟାପିକା ସ୍ମରଣିକା ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପିକା ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ କହିଥିଲେ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପଦଯାତ୍ରା



ଛତ୍ରପୁର,୨୫।୨(ସମିସ): ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ପଦଯାତ୍ରା ଅନୁଷ୍ଠିତ ହୋଇଅଛି। ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେର୍କେଟା, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଛତ୍ରପୁରର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ, ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶ, ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଏନସିସି ଶିକ୍ଷକ, ଏନସିସି ଓ ସ୍କାଉଟ୍ସ ଛାତ୍ରଛାତ୍ରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମେଡିକାଲ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଏହା ଛତ୍ରପୁର ଷ୍ଟାଡିୟମ୍ ଠାରୁ ଆରମ୍ଭ ହୋଇ ରିକାପାଲି ଛକ, ମୁଖ୍ୟ ବଜାର, ଠାକୁରାଣୀ ମନ୍ଦିର ହୋଇ ପୁଣି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



ବୁଗୁଡ଼ା,୨୫।୨(ସମିସ): ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ କତକଲା ନିକଟସ୍ଥ ଦିବ୍ୟ ଦର୍ଶନ ଜରାଶ୍ରମ ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆତ୍ମାର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ମତ୍ସ୍ୟ ବୈଷୟିକ ସହାୟକ ସନ୍ଦିପରଞ୍ଜନ ସେଠୀ, ବିଟିଏମ୍ ଅମରେନ୍ଦ୍ର ମହାପାତ୍ର, ଭିଏଏସ୍ ଡାକ୍ତର ସାଇଶିବ ଶତପଥି, ସଦଗୁରୁ ଅର୍ଜୁନ ଚାରିଟେବୁଲଟ୍ରଷ୍ଟର ଅଧ୍ୟକ୍ଷ ମନୋଜ କୁମାର ସାହୁ, ବିରଞ୍ଚିପୁର ପଞ୍ଚାୟତ ସମିତି ସଭ୍ୟା ପ୍ରତିନିଧ ସୀମାଞ୍ଚଳ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। କର୍ମଶାଳାରେ ନିଜ ନିଜ ବିଭାଗୀୟ ଅଧିକାରୀ ମାନେ ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସଂପର୍କିତ ବିଭିନ୍ନ ସରକାରୀ ଯୋଜନା ଓ ଏହାର ଉନ୍ନତମାନର ଚାଷ ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଉଦ୍ୟାନ ସଂପ୍ରସାରଣ କର୍ମଚାରୀ ରାଜେଶ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଏଥିରେ ଆଶ୍ରମର ଅରୁଣ କୁମାର ସାହୁ, ରାଜେନ୍ଦ୍ର କୁମାର ପ୍ରଧାନ, ନିରାକାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

**ଗ୍ରୀଷ୍ମ ପୂର୍ବରୁ ଚନ୍ଦନପୁରରେ ଜଳ ସଙ୍କଟ**

# ନଳକୂପ ଅଚଳ, ପଥରକୂଅ ପାଣି ଭରସା





ମୋହନା,୨୫।୨(ସମିସ): ଗ୍ରୀଷ୍ମଋତୁ ଆସି ନଥିବା ବେଳେ ଏବେଠାରୁ ଜଳସଂକଟ ଦେଖାଦେଲାଣି। ପାଣି ମୁନ୍ଦେ ପାଇଁ ୫୦୦ମିଟର ଯାଇ ପୁରାତନ ପଥର କୂଅରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକରେ। ବ୍ଲକର ଦୁର୍ଗମ ପାହାଡ଼ପର୍ବତ ଘେରା ଗୁଲୁବା ପଞ୍ଚାୟତର ଚନ୍ଦନପୁର ଗ୍ରାମ। ଗ୍ରାମରେ ୨୦ ଆଦିବାସୀ ଓ ପଛୁଆବର୍ଗର ଲୋକେ ବସବାସ କରୁଛନ୍ତି। ଗ୍ରାମରେ ଦୁଇଟି ନଳକୂପ ଥିଲେ ବି ତାହାର ପାଣି ବର୍ତ୍ତମାନ ପିଇବା ପାଇଁ ଅନୁପଯୋଗୀ। କାରଣ ନଳକୂପରୁ ଖାରି ଓ ଲୌହଯୁକ୍ତ ପାଣି ବାହାରିବା ସହ ଦୁର୍ଗନ୍ଧ ମଧ୍ୟ ହେଉଛି। ଏଣୁ ଏହି ନଳକୂପ ପାଣିକୁ ଗ୍ରାମବାସୀ ବ୍ୟବହାର କରୁନାହାନ୍ତି। ବାଧହୋଇ ଅଧା କିଲୋମିଟର ଚାଲି ଚାଲି ଯାଇ ଦୂଷିତ ପଥର କୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଏହି ଚୁଆପାଣି ପିଇ ଗ୍ରାମବାସୀ ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏହି ସମସ୍ୟା ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଥିଲେ ମଧ୍ୟ ଦୃଷ୍ଟି ଦେଇ ନ ଥିବା କହିଛନ୍ତି ଗ୍ରାମବାସୀ। ପାଣି ସମସ୍ୟା ବିଷୟରେ ବହୁବାର କହି ଆସୁଥିଲେ ବି କେହି ଶୁଣୁ ନ ଥିବା କହିଛନ୍ତି ଗ୍ରାମବାସୀ। ଏନେଇ ମୋହନା ବିଡ଼ିଓ ରାଜୀବ ଦାସଙ୍କୁ ପଚାରିବାରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ କରି ରିପୋର୍ଟ ଦେବା ପରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

